# Akashvani, Sambalpur

## SAMBALPURI NEWS EVENING BULLETIN

## 12 October 2026-7.02- 7.12 pm.

---

୧- ଗଣତନ୍ତ୍ରଥି ଲୁକଙ୍କର୍ ବିଶ୍ୱାସ୍‌କେ ବର୍‌କସ୍ କର୍‌ବାର୍ ଲାଗି ଏସ୍‌ଆଇଆର୍ ବହୁତ୍ ଜରୁରୀ ଆଏ କହେଲେ ମୁଖ୍ୟମନ୍ତ୍ରୀ ।

୨- ଛାତ୍ରଛାତ୍ରୀମାନ୍‌କୁ ସଡ଼କ୍ ସୁରକ୍ଷା ବାବ୍‌ଦେ ସଚେତନ୍ କର୍‌ବାର୍ ଲାଗି ଆଏବା କାଏଲ୍ ରାଜ୍ୟର୍ ସବୁ ଜିଲ୍ଲା ନ ହେବା ସ୍ଲୋଗାନ୍ ଆଉ ଚିତ୍ରାଙ୍କନ ପ୍ରତିଯୋଗିତା ।

୩- ନବରାତ୍ରର୍ ୨ ନମ୍ବର୍ ଦିନେ ଶ୍ରଦ୍ଧା ଆଉ ଭକ୍ତିର୍ ସହେତେ ଚାଲିଛେ ମା’ ବ୍ରହ୍ମଚାରିଣୀଙ୍କର୍ ପୂଜା ।

ଆଉର୍

୪- କର୍ଣ୍ଣେଲ୍ ସି.କେ. ନାଇଡୁ ଟ୍ରଫିଥି ବଲାଙ୍ଗିର୍ ଗାନ୍ଧୀ ଷ୍ଟାଡ଼ିୟମ୍ ଠାନେ ଓଡ଼ିଶା ଆଉ ବିହାର୍ ଭିତ୍‌ରେ ଚାଲିଛେ ମେଚ୍ ।

ଏସ୍‌ଆଇଆର୍       ଆର୍‌ଏନ୍‌ୟୁ/ କଟକ

ଗଣତନ୍ତ୍ରଥି ଲୁକଙ୍କର୍ ବିଶ୍ୱାସ୍‌କେ ଜବର୍ କର୍‌ବାର୍ ଲାଗି ସ୍ୱତନ୍ତ୍ର ସଘନ ଭୋଟର୍ ତାଲିକା ସଂଶୋଧନ୍- ଏସ୍.ଆଇ.ଆର୍ ବହୁତ୍ ଜରୁରୀ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ସାମାଜିକ୍ ଗଣମାଧ୍ୟମ୍‌ଥି ପୋଷ୍ଟ୍ କରିକରି ଏସ୍‌ଆଇଆର୍ ବାବ୍‌ଦେ ମତ ଦେଇକରି ଶ୍ରୀ ମାଝୀ କହିଛନ୍, ନିର୍ବାଚନୀ ରେକର୍ଡ୍ ନିର୍ଭରଯୋଗ୍ୟ ରଖିବାର୍ ଆଉ ସ୍ୱଚ୍ଛ, ସଠିକ୍ ଭୋଟର୍ ତାଲିକା ତିଆର୍ ଲାଗି ଏସ୍‌ଆଇଆର୍ ଦର୍‌କାର୍ ଆଏ । ନିର୍ଭୁଲ୍ ଭୋଟର୍ ତାଲିକା ସୁନିଶ୍ଚିତ୍ କର୍‌ବାର୍ ଖାଲି ପ୍ରଶାସନିକ୍ ଆବଶ୍ୟକତା ନୁହେଁ, ଇଟା ଗଣତନ୍ତ୍ରଥି ଲୁକ୍‌କର୍ ବିଶ୍ୱାସ୍‌କେ ଜବର୍ କର୍‌ବାର୍ କ୍ଷେତ୍ରଥି ବହୁତ୍ ଜରୁରୀ ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଏସ୍‌ଆଇଆର୍‌ଥି ଯୋଗ୍ୟ ଭୋଟର୍‌ମାନ୍‌କୁ ସାମିଲ୍ କର୍‌ବାର୍ ଆଉ ଅଯୋଗ୍ୟ ମାନ୍‌କୁ ବାଦ୍ ଦେବାର୍ ଲାଗି ରାଜ୍ୟ ନିର୍ବାଚନ୍ କମିଶନ୍‌ଙ୍କର୍ ତରଫୁ ଭିନ୍ ଭିନ୍ ପଦକ୍ଷେପ୍ ନିଆଯାଉଛେ ବଲି ଶ୍ରୀ ମାଝୀ କହିଛନ୍ ।

ସ୍ଲୋଗାନ୍ ଆଉ ଚିତ୍ରାଙ୍କନ ପ୍ରତିଯୋଗିତା ଭୁବ୍‌ନେଶ୍ୱର୍

ଛାତ୍ରଛାତ୍ରୀମାନ୍‌କର୍ ସଡ଼କ୍ ସୁରକ୍ଷା ବାବ୍‌ଦେ ସଚେତନତା ବଢ଼ାବାର୍ ଉଦ୍ଦେଶ୍ୟଥି ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନାଙ୍କର୍ ନିର୍ଦ୍ଦେଶ୍‌ଥି ଆଏବା କାଏଲ୍ ରାଜ୍ୟର୍ ସବୁ ଜିଲ୍ଲା ନ ସେବା ସଂକଳ୍ପ ଅଭିଯାନ୍ ଅବ୍‌ସରେ ସ୍ଲୋଗାନ୍ ଆଉ ଚିତ୍ରାଙ୍କନ ପ୍ରତିଯୋଗିତାର୍ ଆୟୋଜନ୍ କରାଯିବା । ବିଭାଗ୍ ତର୍‌ଫୁ ହେବାର୍‌କେ ଥିବା ଇ ପ୍ରତିଯୋଗିତାଥି ବିଦ୍ୟାଳୟମାନ୍‌କର୍ ୮ ନୁ ୧୦ ଶ୍ରେଣୀର୍ ଛାତ୍ରଛାତ୍ରୀମାନେ ଭାଗ୍ ନେବେ । ଛାତ୍ରଛାତ୍ରୀମାନେ 'ସୁରକ୍ଷିତ୍ ଭାବେ ଘର୍‌କେ ଫିରୁନ୍' ବିଷୟବସ୍ତୁ ଉପ୍‌ରେ ନିଜର୍ ସୃଜନଶୀଳ ଚିନ୍ତାଧାରାକେ ଚିତ୍ର ଆଉ ସ୍ଲୋଗାନ୍ ଜରିଏ ପ୍ରଦର୍ଶିତ୍ କର୍‌ବେ । କାର୍ଯ୍ୟକ୍ରମ୍‌କେ ସଫଲ୍ କର୍‌ବାର୍ ଲାଗି ଫି' ଜିଲ୍ଲାର୍ ଆଂଚଳିକ୍ ପରିବହନ୍ ଅଧିକାରୀ ନୋଡ଼ାଲ୍ ଅଫିସର୍ ଭାବେ ଦାୟିତ୍ୱଥି ରହେବେ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କର୍ ସହଯୋଗ୍‌ଥି ସବୁ ବିଦ୍ୟାଳୟ ନ ଇ ପ୍ରତିଯୋଗିତା ପରିଚାଳନା କରାଯିବା ।

ସେବା ସଂକଳ୍ପ ଅଭିଯାନ୍        ପୁରୀ ସମ୍ବାଦଦାତା

ପୁରୀ ସହର୍‌କେ ସ୍ୱଚ୍ଛ ରଖ୍‌ବାର୍ ସହେତେ ପଲିଥିନ୍ ଆଉ ଆବର୍ଜନାମୁକ୍ତ କର୍‌ବାର୍ ଲାଗି ସମ୍‌କର୍ ଦାୟିତ୍ୱ ରହିଛେ ବଲି ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ସେବା ସଂକଳ୍ପ ଅଭିଯାନ୍ ଅଧୀନ୍‌ଥି ପୁରୀ ନ ହେଇଥିବା ସ୍ୱଚ୍ଛତା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଶ୍ରୀ ପ୍ରଧାନ୍ କହିଛନ୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱଚ୍ଛତାକେ ଗୁଟେ ଜନ ଆନ୍ଦୋଲନ୍‌ଥି ବଦ୍‌ଲେଇଛନ୍ । ସ୍ୱଚ୍ଛତା ଆଉ ନିଷ୍ଠା ଜରିଏ ବିକଶିତ୍ ଓଡ଼ିଶା ଆଉ ବିକଶିତ୍ ଭାରତ୍ ସଂକଳ୍ପ ସାକାର୍ ହେଇପାର୍‌ବା । ପ୍ଲାଷ୍ଟିକ୍ ଆଉ ପଲିଥିନ୍ ପରିବେଶ୍, ଗୋସମ୍ପଦ୍ ଆଉ ସମୁଦ୍ର ଜୀବଜନ୍ତୁ ମାନ୍‌କର୍ ଲାଗି ବିପଦ୍ ସୃଷ୍ଟି କରୁଛେ । ସ୍ୱଚ୍ଛତାଥି ଗୁଟେ ନିୟମିତ୍ ସାମାଜିକ୍ ଅଭ୍ୟାସ୍ ଆଉ ସଂସ୍କାର୍‌ଥି ବଦ୍‌ଲାବାର୍ ସହେତେ ଇ ଦିଗେ ଲୁକ୍‌କୁ ସଚେତନ୍ କର୍‌ବାର୍‌କେ ହେବା ବଲି ଶ୍ରୀ ପ୍ରଧାନ୍ କହିଛନ୍ । ଇ ଅବ୍‌ସରେ ପୁରୀ ବଡ଼ଦାଣ୍ଡ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର୍‌କେ ସଫା କରାଯାଇଥିଲା ।

ଦୁର୍ଗାପୂଜା       ଆର୍‌ଏନ୍‌ୟୁ ସମ୍ବଲପୁର

ଶାରଦୀୟ ନବରାତ୍ରୀଥି ୯ ଦିନ୍ ଧରିକରି ମା' ଦୁର୍ଗା ଆଉ ତାଙ୍କର୍ ୯ ଟା ଭିନ୍ ଭିନ୍ ସ୍ୱରୂପ୍‌କେ ବିଧିବିଧାନ୍‌ଥି ପୂଜା କର୍‌ବାର୍ ପରମ୍ପରା ରହିଛେ । ଆଏଜ୍ ମା'ଙ୍କର୍ ୨ ନମ୍ବର୍ ସ୍ୱରୂପ୍ ମା ବ୍ରହ୍ମଚାରିଣୀଙ୍କର୍ ପୂଜା କରାଯାଉଛେ । ବ୍ରତଧାରୀମାନେ ନିଷ୍ଠାର୍ ସହେତେ ମା'ଙ୍କୁ ଆରାଧନା କରୁଛନ୍ । ବ୍ରହ୍ମର ଅର୍ଥ ହେଉଛେ ତପସ୍ୟା ଆଉ ଚାରିଣୀ ଅର୍ଥ ହେଉଛେ ତାର୍ ଅନୁସରଣ୍‌କାରୀ । ମା'ଙ୍କର୍ ଇ ସ୍ୱରୂପ୍ ହେଉଛେ ତପ, ତ୍ୟାଗ, ସଂଯମ ଆଉ ଅଟଳ ନିଷ୍ଠାର୍ ପ୍ରତୀକ । ପୌରାଣିକ୍ କଥା ଅନ୍‌ସାରେ ଭଗବାନ୍ ଶିବଙ୍କୁ ସ୍ୱାମୀ ହିସାବେ ପାଏବାର୍ ଲାଗି ଦେବୀ ପାର୍ବତୀ କଠୋର୍ ତପସ୍ୟା କରିଥିଲେ । ଦୀର୍ଘ ସାଧନା, ଅସୀମ୍ ଧୈର୍ଯ୍ୟ ଆଉ ଅଟଳ ବିଶ୍ୱାସ୍ ତାଙ୍କର୍ ତପସ୍ୟାକେ ଦେଇଥିଲା ଅନନ୍ୟ ପରିଚୟ  । ତାଙ୍କର୍ ଇ ତପସ୍ୱିନୀ ସ୍ୱରୂପ୍ ହିଁ ମା' ବ୍ରହ୍ମଚାରିଣୀ । ଗୁଟେ ହାତେ ଜପାମାଳି ଆଉ ଗୁଟେ ହାତେ କମଣ୍ଡଲୁ ଆଉ ମୁହେଁ ଶାନ୍ତ ଆଉ ସ୍ନିଗ୍ଧଭାବ । ମା'ଙ୍କର୍ ଇ ରୂପ ଆମ୍‌କୁ ସୋର୍ ପକେଇ ଦେସି ଯେ, କେନ୍‌ସି କାମ୍‌ଥି ସଫଳତା ଲାଗି ଧୈର୍ଯ୍ୟ ଆଉ ନିରନ୍ତର୍ ଚେଷ୍ଟା ବହୁତ୍

ଜରୁରୀ ଆଏ । ନବରାତ୍ରର୍ ୨ ନମ୍ବର୍ ଦିନେ ମା' କଟକ୍ ଚଣ୍ଡୀ ଆଏଜ୍ ରାଜରାଜେଶ୍ୱରୀ ବେଶଥି ଦର୍ଶନ୍ ଦେଉଥିବାର୍ ବେଲେ, ସମ୍ବଲ୍ପୁର୍ର ଅଧିଷ୍ଠାତ୍ରୀ ଦେବୀ ମା ସମଲେଇ ଅଢ଼େଇ ଦିନ୍ର ଧବଲ୍ମୁଖୀ ଉତ୍ରୁ ସିନ୍ଦୁର୍ବର୍ଣ୍ଣା ବେଶଥି ଦର୍ଶନ୍ ଦଉଛନ୍ ।

ସେନ୍ତା ପୁରୀ ନ ଦୁର୍ଗାମାଧବ ଉପାସନା ଭିଲ୍ ଚାଲିଛେ । ଇ ଅବ୍ସରେ ୮ ଦିନ୍ ତକ୍ ଗୁପ୍ତ ଗୁଣ୍ଡିଚା ବିଜେ ନୀତି ହେବା । ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଶକ୍ତିପୀଠମାନ୍କେ ଆଏଜ୍ ଦେବୀଙ୍କର୍ ବ୍ରହ୍ମଚାରିଣୀ ବେଶ ସହେତେ ଷୁଲ୍ହପୂଜା ଜାକ୍ଜମକ୍ଥି ଚାଲିଛେ ।

ନିମ୍ କୋଟେଡ୍ ୟୁରିଆ-୨୦୧୫ ଏନ୍ଏସ୍ଡି

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀକ ଜୀବନଥି ୨୫ ବଛର୍ ପୁରା କରିଛନ୍ । 'ଜନସେବାନୁ ଦେଶସେବା' ମନ୍ତ୍ରକେ ଆଧାର କରିକରି ତାଙ୍କର୍ ଇ ଜୟଯାତ୍ରା ଜାରି ରହିଛେ । 'ସେବା ଆଉ ସୁଶାସନ'ର ଇ ଦୃଷ୍ଟିକୋଣକେ ନେଇକରି ୨୦୪୭ ତକ୍ ବିକଶିତ ଭାରତ୍ ଗଠନ୍ର ଲକ୍ଷ୍ୟ ହାସଲ୍ ଦିଗେ ସର୍କାର୍ ଲଗାଏତ୍

କାମ୍ କରୁଛନ୍ । ସମାବେଶୀ ବିକାଶ୍ ଆଉ ସାମାଜିକ ସଶକ୍ତିକରଣ ଜରିଏ ଇ ଚେଷ୍ଟା ଜନଜୀବନଥି ପରିବର୍ତନ୍ ଆନିଛେ । ଆମର୍ ଇ ଖାସ୍ ଶୃଙ୍ଖଳାଥି ଆଏଜ୍ ଜାନ୍‌ମା 'ନିମ୍ କୋଟେଡ୍ ୟୁରିଆ-୨୦୧୫' ବାବ୍‌ଦେ ।

(ଭଏସ୍ ଓଭର୍-ସୁପ୍ରୀତି ମିଶ୍ର)

କେନ୍ଦ୍ର ସର୍‌କାର୍ ୨୦୧୫ ମସିହାଥି ୟୁରିଆର୍ ସଠିକ୍ ବେଭାର୍‌କେ ପ୍ରୋତ୍ସାହନ୍ ଦେବାର୍ ସହେତେ ନାଇଟ୍ରୋଜେନ୍‌ର ନୁକ୍‌ସାନ୍‌କେ କମାବାର୍ ଆଉ ରିହାତି ଯୁକ୍ତ ୟୁରିଆର୍ ଅଣକୃଷି କ୍ଷେତ୍ରକେ ବେଆଇନ୍ ବେଭାର୍ ଅଟ୍‌କାବାର୍ ଲକ୍ଷ୍ୟଥି ନିମ୍ କୋଟେଡ୍ ୟୁରିଆକେ ନେଇକରି ଜରୁରୀ ନିଷ୍ପତି ଗ୍ରହଣ୍ କରିଥିଲେ । ଇଥି ଦେଶର୍ ସବୁ ସ୍ୱଦେଶୀ ୟୁରିଆ ଉତ୍ପାଦକ୍‌ମାନ୍‌କୁ ରିହାତି ଯୁକ୍ତ ୟୁରିଆର ୭୫ ପ୍ରତିଶତ୍ ନିମ୍ ଲଗାବାର୍ ଲାଗି ବାଧ୍ୟତାମୂଳକ୍ କରାଯାଇଥିଲା । ତାର୍ ଉତ୍‌ରର୍ ସମିଆଥି ସ୍ୱଦେଶୀ ୟୁରିଆ ଉତ୍ପାଦ୍‌ର ଶହେ ପ୍ରତିଶତ୍‌କେ ନିମ୍ ଲଗାଯାଇଥିଲା । ଭାରତ୍ ଗୁଟେ କୃଷିପ୍ରଧାନ୍ ଦେଶ୍ ଆଏ । ଓଡ଼ିଶାର୍ ଅର୍ଥନୀତି ଆଉ ଗ୍ରାମୀଣ୍ ଜୀବନ୍‌ଥି ଚାଷ୍‌ର ଭୂମିକା ବହୁତ୍ ଜରୁରୀ ଆଏ । ଫସଲ୍ ଉତ୍ପାଦନ୍ ବଢ଼ାବାର୍‌ଥି ୟୁରିଆ ସାର୍‌ର ବେଭାର୍ ଆଉ ନାଇଟ୍ରୋଜେନ୍‌ର ନୁକ୍‌ସାନ୍ ଅଟ୍‌କାବାର୍ ଲାଗି ନିମ୍ କୋଟେଡ୍

ୟୁରିଆ ବହୁତ୍ ଉପଯୋଗୀ ହେଇପାରିଛେ । ନିମ୍ ତେଲ୍ଥି ବୁଡ଼ାୟାଇଥିବା ୟୁରିଆ ମାଏଟ୍ଥି ଧିରେ ଧିରେ ମିଶ୍ବାର୍ ସହେତେ ନାଇଟ୍ରେଜେନ୍ ବାହାର୍ କର୍ସି । ଯେନ୍ଥିର୍ଲାଗି ଫସଲ୍କେ ଅଏତ୍କା ସମିଆତକ୍ ନାଇଟ୍ରେଜେନ୍ ମିଲିପାର୍ସି । ଇଟା ସାର୍ ବେଭାର୍ର ଦକ୍ଷତା ବଢ଼ାବାର୍ ସହେତେ ରୋଗ୍ ପୋକ୍ର ନିୟନ୍ତ୍ରଣ୍ଥି ସାହାଜ୍ କର୍ସି । ବଲାଙ୍ଗିର୍ ଜିଲ୍ଲା ନ ଚାଷ୍ କାମ୍ଥି ଚାଷୀମାନେ ନିମ୍ କୋଟେଡ଼୍ ୟୁରିଆ ବେଭାର୍ କରୁଛନ୍ । ଯେନ୍ଥିର୍ଲାଗି ସାର୍ର ସଠିକ୍ ବେଭାର୍ ସହେତେ ଭୂତଳ ଜଳ ପ୍ରଦୂଷଣ୍ ଆଉ ପରିବେଶ୍ ପ୍ରଦୂଷଣ୍ କମ୍ବାର୍ଥି ଲାଗିଛେ । ଇ ବାବ୍ଦେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧିରେନ୍ଦ୍ର ସିଂ ବରିହା କହିଛନ୍ ।

(ଭଏସ୍ ଓଭର୍- ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ)

ବଲାଙ୍ଗିର୍ରୁ ଆକାଶ୍ବାଣୀ ସମ୍ବାଦ୍ ବିଭାଗ୍ ଲାଗି ସୁବୋଧ୍ ମେହେର୍ଙ୍କର୍ ସାଙ୍ଗେ ମୁଇଁ ସୁପ୍ରିତୀ ମିଶ୍ର ।

ପିଜିଟି ଶିକ୍ଷକ୍ ଆଇ.ଆଣ୍ଡ୍.ପି.ଆର୍

ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ଅନ୍ତର୍ଗତ୍ ଉଚ୍ଚ ମାଧମିକ୍ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନ୍‌ଥି ଥିବା ସର୍‌କାରୀ ଉଚ୍ଚ ମାଧମିକ୍ ବିଦ୍ୟାଳୟ ଆଉ ସର୍‌କାରୀ ଉନ୍ନୀତ୍ ଉଚ୍ଚ ମାଧମିକ୍ ବିଦ୍ୟାଳୟ ନ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ୍ ଶିକ୍ଷୟିତ୍ରୀମାନ୍‌କର୍ ଲାଗି ଗୁଟେ ତାଲିମ୍ କର୍ମଶାଳାର୍ ଆୟୋଜନ୍ କରାଯାଇଛେ । ଭୁବ୍‌ନେଶ୍ୱର୍ ସିରିପୁର୍ ନ ଥିବା ଇମେଜ୍ ଠାନେ ଶହେ ୧୨ ଝନ୍ ଇଂରାଜୀ ବିଷୟର୍ ପିଜିଟି ଶିକ୍ଷକ୍ ଶିକ୍ଷୟିତ୍ରୀମାନ୍‌କୁ ନେଇକରି ଇ ତାଲିମ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଛେ ।

ନିଯୁକ୍ତି-ପରୀକ୍ଷା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଷ୍ଟାଡ଼ିୟମ୍ ନ ଆଏଜ୍ ୨୨ ଟା ଫରେଷ୍ଟଗାର୍ଡ୍, ୧୮ ଟା ଫରେଷ୍ଟର୍ ଆଉ ୨୦ ଟା ଅବକାରୀ କନ୍‌ଷ୍ଟେବଲ୍ ପଦ୍‌ବୀ ଲାଗି ଶାରୀରିକ ମାନଦଣ୍ଡ ମାପ (ପିଏସ୍‌ଏମ୍) ଆଉ ଶାରୀରିକ୍ ଦକ୍ଷତା ପରୀକ୍ଷା (ପିଇଟି) ହେଇଯାଇଛେ । ଇ ପରୀକ୍ଷା ପ୍ରକ୍ରିୟାର୍ ତଦାରଖ୍ କର୍‌ବାର୍ ସହେତେ କାର୍ଯ୍ୟକ୍ରମ୍‌ର ସଠିକ୍ ପରିଚାଳନା ଲାଗି ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ

ପ୍ରଧାନ୍ ଉପସ୍ଥିତ୍ ଥିଲେ । ପରୀକ୍ଷାର୍ ଠିକ୍ ଭାବେ ପରିଚାଳନା ଲାଗି ସ୍ୱାସ୍ଥ୍ୟ ବିଭାଗ୍, ପୁଲିସ୍ ବାହିନୀ, ଅବକାରୀ ବିଭାଗ୍, ବନ ବିଭାଗ୍‌ର ଅଧିକାରୀ ଆଉ କର୍ମଚାରୀମାନେ ସହଯୋଗ୍ କରିଥିଲେ ।

ଅଭିଯୋଗ୍ ଶୁଣାଣି

ସୁବର୍ଣ୍ଣପୁର୍/ବୌଦ୍ଧ/ଦେବଗଡ଼୍/ସମ୍ବଲପୁର/କଳାହାଣ୍ଡି/ବର୍ଗଡ଼୍/ସୁବର୍ଣ୍ଣପୁର୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ହେଇଯାଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା କୁଚିଣ୍ଡା ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଶୁଣାଣି ଶିବିର୍‌ଥି ୭୨ ଟା ଅଭିଯୋଗ ଆସିଥିଲା ।

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ପଂଚାୟତ୍ ସମିତି କାର୍ଯ୍ୟାଳୟ ସଭାଗୃହ ନ ହେଇଥିବା ଶିବିରଥି ୮୬ ଟା ଅଭିଯୋଗ ଆସିଥିବାର୍ ବେଳେ ୨୨ ଟା ଅଭିଯୋଗ୍‌ର୍ ତୁର୍‌ତି ସମାଧାନ୍ କରାଯାଇଥିଲା ।

କଲାହାଣ୍ଡି ଜିଲ୍ଲା ଜୁନାଗଡ଼୍ ପଂଚାୟତ୍ ସମ୍ମିଲନୀ କକ୍ଷ ନ ହେଇଥିବା ଶିବିର୍ଥି ୩୦ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୪ ଟା ଅଭିଯୋଗ୍ର ତୁର୍ତି ସମାଧାନ୍ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିନୁ ୨ ଝନ୍କୁ ଆର୍ଥିକ୍ ସାହାଜ୍ ଭିଲ୍ ଦିଆଯାଇଛେ ।

ଦେବ୍ଗଡ଼୍ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ପରିସର୍ ନ ହେଇଥିବା ଶିବିରଥି ୪୬ ଟା ଅଭିଯୋଗ ଆସିଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ଡୁଙ୍ଗ୍ରିପାଲି ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ହେଇଥିବା ଶିବିରଥି ୫୯ ଟା ଅଭିଯୋଗ୍ ଆସିଥିଲା । ଇତାର୍ ସହେତେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ବାବଦ୍ ୨ ଟା ଆଉ ରେଡ଼କ୍ରସ୍ ପାଣ୍ଠି ବାବଦ୍ ଗୁଟେ ଦର୍ଖାସ୍ତ ଦାଖଲ୍ କରାଯାଇଥିଲା ।

ବର୍ଗଡ଼୍ ଜିଲ୍ଲା ଭଟ୍ଲି ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ଯୁଗ୍ମ ଅଭିଯୋଗ୍ ଶୁଣାଣି ଶିବିରଥି ୫୭ ଟା ଅଭିଯୋଗ୍ର ଶୁଣାଣି ହେଇଯାଇଛେ । ଇତାର୍ଛଡ଼ା ଶିବିର୍କେ ଆସିଥିବା ହିତାଧିକାରୀମାନ୍କୁ ୪ ଟା ଟ୍ରାଇ ସାଇକଲ୍ ଆଉ ଝନ୍କୁ ଶ୍ରବଣ ଯନ୍ତ୍ର ଦିଆଯାଇଛେ ।

ଶିବିର୍ ମାନ୍କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍କୁ ଗ୍ରହଣ୍ କରିକରି ତୁର୍ତି ସମାଧାନ୍

କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବିଶ୍ୱ ଗଣ୍ଠିବାତ ଦିବସ୍         ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ ଗଣ୍ଠିବାତ ଦିବସ୍ । ଫି ବଛର୍ ଅକ୍ଟୋବର୍ ୧୨ ତାରିଖ୍ ଇ ଦିବସ୍ ପାଲନ୍ କରାଯାଏସି । ଇ ବଛର୍ ଇ ଦିବସ୍‌ର ବାର୍ତା ହେଉଛେ 'ନିଜର୍ ସପନ୍‌କେ ହାସଲ୍ କର' । ଗଣ୍ଠିବାତ ରୋଗ୍ ଲାଗି ଲୁକ୍‌କୁ ସଚେତନ୍ କର୍‌ବାର୍‌ଟା ଇ ଦିବସ୍ ପାଲନ୍‌ର ମୁଲ୍ ଲକ୍ଷ୍ୟ ଆଏ । ୧୯୯୬ ମସିହା ନ ପହେଲାଥର୍ ଲାଗି ବିଶ୍ୱ ଗଣ୍ଠିବାତ୍ ଦିବସ୍ ପାଲନ୍ କରାଯାଇଥିଲା ।

କର୍ଣ୍ଣେଲ୍ ସି.କେ. ନାଇଡୁ ଟ୍ରଫି        ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଗାନ୍ଧୀ ଷ୍ଟାଡ଼ିୟମ୍ ନ କର୍ଣ୍ଣେଲ୍ ସି.କେ. ନାଇଡୁ ଟ୍ରଫି ଆଏଜ୍ ଉଦ୍‌ଘାଟିତ୍ ହେଇଯାଇଛେ । ଜିଲ୍ଲା କ୍ରୀଡ଼ା ସଂସଦ୍

ଆଉ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ମିଳିତ୍ ସହଯୋଗ୍‌ଥି ଓଡ଼ିଶା ଆଉ ବିହାର୍ ଭିତ୍‌ରେ ମେଚ୍ ଚାଲିଛେ । ପହେଲା ଇନିଂସ୍‌ଥି ବିହାର୍ ଦଲ୍ ସବୁ ଓ୍ୱିକେଟ୍ ହରେଇକରି ୨ ଶହ ୭ ରନ୍ କରିଥିଲା । ଆଝିର୍ ଦିନର୍ ଖେଲ୍ ଶେଷ୍ ହେବାର୍‌ତକ୍ ଓଡ଼ିଶା ଦଲ୍ ଗୁଟେ ଓ୍ୱିକେଟ୍ ହରେଇକରି ୬୬ ରନ୍ କରିଛେ । ଉଦ୍‌ଘାଟନୀ ସମାରୋହଥି ବଲାଙ୍ଗିର୍ ବିଧାୟକ୍ କଳିକେଶ୍ ନାରାୟଣ୍ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଖେଲାଲିମାନ୍‌କୁ ଉତ୍ସାହିତ୍ କରିଥିଲେ ।